# ସ୍ୱାସ୍ଥ୍ୟସେବା ସୁଧାରିବାରେ ଜିଲା ପ୍ରଶାସନର ହସ୍ତକ୍ଷେପ ଦାବି

## ଜିଲା ଜନଜୀବନ ସୁରକ୍ଷା କମିଟି ବୈଠକ


ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟିର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ,୨।୯(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ଏବଂ ଶଯ୍ୟା ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରିଛି ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି। ସ୍ଥାନୀୟ ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରଠାରେ କମିଟି ପକ୍ଷରୁ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏଥିସହ ଜିଲା ପ୍ରଶାସନ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସମାଧାନ ପାଇଁ ମୁଖ୍ୟ ଚିକିତ୍ସାଳୟର ୪ ମହଲା ବିଶିଷ୍ଟ ନୂତନ କୋଠାକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରାଯାଉ। ଖାଲି ପଡ଼ିଥିବା ଭେଷଜ ବିଶେଷଜ୍ଞ ସମେତ ସମସ୍ତ ଡାକ୍ତର ପଦବୀ ପୂରଣ, ଅଲଟ୍ରାସାଉଣ୍ଡ ଓ ଇକୋ ମେଶିନ କାର୍ଯ୍ୟକ୍ଷମ, ଟ୍ରମା କେୟାର୍, ଆଇସିୟୁ ବ୍ୟବସ୍ଥା, ପରୀକ୍ଷାଗାରକୁ ଆବଶ୍ୟକ ରାସାୟନିକ ଯୋଗାଣ, ଜିଲା ମୁଖ୍ୟ ଚିକିତ୍ସାଳୟ ସଂଲଗ୍ନ ପୋଲଟ୍ରି ଫାର୍ମ ଅନ୍ୟତ୍ର ସ୍ଥାନାନ୍ତର କରି ସମସ୍ତ ଜାଗା ମୁଖ୍ୟଚିକିତ୍ସାଳୟକୁ ହସ୍ତାନ୍ତର କରାଯିବାର ଆବଶ୍ୟକତା ରହିଛି। ଏହିସବୁ ଦାବି ନେଇ ଗତ ଜୁଲାଇ ୨ ତାରିଖରେ କମିଟିର ଏକ ପ୍ରତିନିଧିମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନା କରିଥିଲେ। ଏକମାସ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଗଷ୍ଟ ୫ରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ବିଭିନ୍ନ ବିଭାଗର ପଦାଧିକାରୀଙ୍କ ସହିତ କମିଟିର ଏକ ପ୍ରତିନିଧି ମଣ୍ଡଳୀ, ସହରର ବିଶିଷ୍ଟ ବୁଦ୍ଧିଜୀବୀମାନଙ୍କୁ ନେଇ ବୈଠକ କରାଯାଇଥିଲା। ମାତ୍ର ସମସ୍ୟାର ସମାଧାନ ପରିବର୍ତ୍ତେ ସ୍ଥିତି ବିଗିଡିବାରେ ଲାଗିଥିବା ଅଭିଯୋଗ କରାଯାଇଛି। ଜିଲା ପ୍ରଶାସନ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ କମିଟି ପକ୍ଷରୁ ବୈଠକରେ ଦାବି କରାଯାଇଛି। ଆବାହକ ବିଶିଷ୍ଟ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟତମ ଆବାହକ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବୁଦ୍ଧିଜୀବୀ ଦାମୋଦର ଦାସ, ନିରୋଦ ଚନ୍ଦ୍ର ପାଳ, ତୀର୍ଥବାସୀ ଭୋଇ, ତ୍ରିଲୋଚନ ଜେନା, ମାନସ ପାଳ, ପଠାଣି ବରିହା, ନବକିଶୋର ପ୍ରଧାନ, କାଳୀଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରାଇଭରମାନେ ନିଶାଠାରୁ ଦୂରେଇ ରୁହନ୍ତୁ



ଅନୁଗୋଳ,୨।୯(ମାନସ ବିଶ୍ୱାଳ)

ଓଡ଼ିଶା ଡ୍ରାଇଭର ମହାସଂଘ ଅନୁଗୋଳ ବ୍ଲକ ପକ୍ଷରୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିବା ସହ ନିଜେ ରକ୍ତ ଦାନ କରିଥିଲେ। ଡ୍ରାଇଭରମାନେ କିଭଳି ନିଶାଠାରୁ ଦୂରେଇ ରହି ଗାଡ଼ିଚାଳନା କରିବେ, ଦୁର୍ଘଟଣା ସମୟରେ ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ତାଙ୍କ ଜୀବନ ରକ୍ଷା କରିବେ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଘନଶ୍ୟାମ ବେହେରା ଯୋଗଦେଇଥିଲେ। ପରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ବନ୍ତଲା ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସେପ୍ଟେମ୍ବର ୧ ତାରିଖକୁ ସରକାରୀ ଭାବେ ଡ୍ରାଇଭର ଦିବସ ଘୋଷଣା ନିମନ୍ତେ ବିଧାୟକ ସରକାରଙ୍କ ନିକଟରେ ଦାବି କରିବାକୁ ଡ୍ରାଇଭର ସଂଘ ସଦସ୍ୟମାନେ ଅନୁରୋଧ କରିଥିଲେ। ଏହି ଶିବିରରେ ମୋଟ ୨୧୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଗୋଳ ବ୍ଲକ ସଭାପତି ରବୀନ୍ଦ୍ର କୁମାର ସାହୁ, ଉପଦେଷ୍ଟା ବଳରାମ ସାହୁ, ସମ୍ପାଦକ ଲଳିତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ରୋହିତ ବେହେରା, ସହସମ୍ପାଦକ ବିକାଶ ମହାରଥୀଙ୍କ ସହିତ ସମସ୍ତ ପଞ୍ଚାୟତର ଡ୍ରାଇଭର ଯୋଗ ଦେଇଥିଲେ।

# ରାସ୍ତା ପାର୍ଶ୍ୱରେ ଲଗାଇଲେଣି ୨ଶହ ଗଛ



ବଅଁରପାଳ,୨।୯ (ସୁବାସ ସାହୁ)

## ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଅଗାଧୁ ଚରଣ

ପ୍ରଦୂଷଣର ବିଷ ବଳୟରେ ରହୁଥିବା ଅନୁଗୋଳ ଜିଲାକୁ କେବଳ ସବୁଜିମା ହିଁ ସୁରକ୍ଷା ଦେଇପାରିବ। ସେଥିପାଇଁ ବ୍ୟାପକ ଚାରା ରୋପଣର ଆବଶ୍ୟକତା ରହିଛି। ବୃକ୍ଷ ଅନେକ ସମସ୍ୟା ସମାଧାନର ପନ୍ଥା ହୋଇଥିବାରୁ ଚାରା ରୋପଣକୁ ବ୍ରତ ଭାବେ ଗ୍ରହଣ କରି ବର୍ଷେରୁ ଅଧିକ ସମୟ ହେଲା ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରୁଛନ୍ତି ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ଅଗାଧୁ ଚରଣ ସାମଲ। ଇତିମଧ୍ୟରେ ସେ ୨ଶହରୁ ଅଧିକ ଚାରା ଲଗାଇବା ସହ ତାହାର ଯତ୍ନ ନେଉଛନ୍ତି। ଗତବର୍ଷ ଜୁନ୍ ୬ ତାରିଖରୁ ସେ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଅଗାଧୁ କହିଛନ୍ତି, ଯେହେତୁ ଅନୁଗୋଳ ଜିଲା ଶିଳ୍ପବହୁଳ, ତେଣୁ ଏହାର ବାୟୁ ମଣ୍ଡଳ ପ୍ରଦୂଷିତ ହୋଇଚାଲିଛି। ଜିଲାର ଜଳବାୟୁକୁ ଶୁଦ୍ଧ କରିବାକୁ ସେ ଚାରା ରୋପଣ କରିବା ଦିଗରେ କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ପରାମର୍ଶ ଦେଉଛନ୍ତି। ଏପରି କି ରାସ୍ତା ପାର୍ଶ୍ୱରେ ଲଗାଉଥିବା ଚାରା କାଳେ ପାଣି ଅଭାବରୁ ମରିଯିବ, ସେଥିପାଇଁ ସେ ପାଣି ଟ୍ୟାଙ୍କର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଅଗାଧୁ ଏକ କମ୍ପାନୀରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ରାସ୍ତା ପାର୍ଶ୍ୱରେ ଚାରା ଲଗାଇବା, ତାହାକୁ ରକ୍ଷଣାବେକ୍ଷଣ କରିବା ଏକ ନିତିଦିନିଆ କାର୍ଯ୍ୟରେ ପରିଣତ ହୋଇଛି।

# ୪୪୪ ଅଭିଯୋଗପତ୍ର ଦାଖଲ


ଜନ ଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

ଛେଣ୍ଡିପଦା,୨।୯ (ଅଜିତ ଧଳ)

ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦୩ଟି ବ୍ୟକ୍ତିଗତ, ୧୮ଟି ଗ୍ରାମ୍ୟ ଭିତ୍ତିକ ଓ ୩୨୩ଟି ଆବାସ ଯୋଜନାରେ ଘର ପାଇଁ ଅଭିଯୋଗ ରହିଥିଲା। ମୋଟ ଅଭିଯୋଗ ମଧ୍ୟରୁ ୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ରେଡ୍‌କ୍ରସ ପାଣ୍ଠିରୁ ୩ ଜଣଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ବେଉରିଆ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଉପନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ୍, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ନିରୋଦ ଦାସଙ୍କ ସମେତ ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମୁରା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ଜିଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାପାଳ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

# ଜନଶୁଣାଣିରେ ୬୩ ଅଭିଯୋଗ ଗ୍ରହଣ


ଅତିରିକ୍ତ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଅନୁଗୋଳ,୨।୯ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୬୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ଆଦି ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆସନ୍ତା ୪ରେ ମା' ହିଙ୍ଗୁଳାଙ୍କ ନୂଆଖାଇ ପର୍ବ

ତାଳଚେର,୨।୯(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ନୂଆଖାଇ ପର୍ବ ତଥା ନବାନ୍ନ ପ୍ରସାଦ ଲାଗି ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ।



ଏହି ଅବସରରେ ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମା' ହିଙ୍ଗୁଳାଙ୍କ ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ପାଞ୍ଜି ଦେଖି ତିଥି ସ୍ଥିର କରିଥିଲେ। ୪ ତାରିଖ ପୂର୍ବାହ୍ନ ୧୧ଟାରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମ ଦିଅଁଘରୁ ପୂଜାମଣ୍ଡପକୁ ଯାତ୍ରା କରାଯିବ। ଏହାପରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହ ଅପରାହ୍ନ ୧ଟାରେ ନବାନ୍ନ ପ୍ରସାଦ ଲାଗି କରାଯିବ। ଏହି ବୈଠକରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ମୁରଲୀଧର ସାହୁ, ଗଗନ ବିହାରୀ ସାହୁଙ୍କ ସମେତ ସମସ୍ତ ପୂଜକ, ସେବାୟତ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




ବଇଣ୍ଡା,୨।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ବର୍ଷ ଓ ଶେଷ ବର୍ଷ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗଦେଇ କହିଲେ, ଶିକ୍ଷା ନିରନ୍ତର ପ୍ରକ୍ରିୟା। ଏହାକୁ ସବୁବେଳେ ଗ୍ରହଣ କଲେ ବିକାଶ ହେବ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ସଞ୍ଜୟ କୁମାର ପଣ୍ଡା କହିଲେ, ସଂସ୍କାର ଓ ପରମ୍ପରା ଶିକ୍ଷାର ବିକାଶରେ ସହାୟକ ହୁଏ। ସମ୍ମାନିତ ଅତିଥି ଭାବେ ନବକୁମାର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଆଶିଷ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମେଧା ସମ୍ମାନ ଇତିହାସ ବିଭାଗର ଛାତ୍ରୀ ଇତିଶ୍ରୀ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବତନ ଛାତ୍ରୀଛାତ୍ର ସତ୍ୟଜିତ, ରାମଚନ୍ଦ୍ର, ବେବିନା, ଡିକନ ପ୍ରମୁଖ ଏହା ପ୍ରଦାନ କରିଥିଲେ। ଏ ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ବର୍ଷାରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷବର୍ଷର ଛାତ୍ରୀଛାତ୍ର ପ୍ରିୟବ୍ରତ, ଆଦ୍ୟାଶା, ବର୍ଷା, ଭେଙ୍କଟେଶ୍ୱରୀ, ସୌମ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ସଂଯୋଜନା କରିଥିଲା ବେଳେ ଅଧ୍ୟାପିକା ବୀଣାପାଣି ସାହୁ, ପୁରୁଷୋତ୍ତମ ସାହୁ, ଗୋବର୍ଦ୍ଧନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ, ରୋଜାଲିନ ପ୍ରଧାନ, ଅଭିଜିତ ପ୍ରଧାନ, ସୁଶାନ୍ତ ରାଉଳ, ସୁରେନ୍ଦ୍ର ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସୁଧାଂଶୁ ରାଉଳ ପରିବେଶ ସୁରକ୍ଷା ଉପରେ ଏକକ ଅଭିନୟ ପରିବେଷଣ କରିଥିଲେ।

# ମଦ, ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଉ




ଅନୁଗୋଳ,୨।୯ (ଜ୍ୟୋତିରଞ୍ଜନ ସାହୁ)

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଅନୁଗୋଳ ଜିଲା କମିଟି ପକ୍ଷରୁ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ୫ଟି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କୋଲକାତାସ୍ଥିତ ଆର.ଜି. କର ମେଡିକାଲ କଲେଜର ଜଣେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଶାସ୍ତି ପ୍ରଦାନ କରିବାକୁ ଦୃଢ ଦାବି କରାଯାଇଛି। ଏଥିସହ ମଦ ଓ ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବାକୁ ଦାବି କରାଯାଇଛି।

ସଙ୍ଗଠନ ପକ୍ଷରୁ କୁହାଯାଇଛି, ରାଜ୍ୟ ଏବଂ ଜିଲାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଅନୁଗୋଳ ଜନସାଧାରଣ ଓ ନାରୀ ସମାଜ ପକ୍ଷରୁ ଆନ୍ଦୋଳନ କରାଯାଇଆସୁଛି। ମାତ୍ର ଜନଗଣଙ୍କ ଏହି ନ୍ୟାଯ୍ୟ ଦାବିକୁ ଉପେକ୍ଷା କରାଯିବା ସହ ମଦ ଓ ନାନାଦି ମାଦକ ଦ୍ରବ୍ୟର ପ୍ରସାର ବଢିଚାଲିଛି। ଏହି ମଦ ଓ ମାଦକ ଦ୍ରବ୍ୟ କାରଣରୁ ଅପରାଧ ବିଶେଷକରି ବଳାତ୍କାର ଘଟଣା ଅଧିକ ଘଟୁଛି। ଏହି ପରିସ୍ଥିତିକୁ ଆହୁରି ଆତଙ୍କଜନକ କରୁଛି ଅଶ୍ଳୀଳତା, ନଗ୍ନତା ଓ ଅପସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର। ଏଣୁ ମଦ ଓ ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଅନୁଗୋଳ ଜିଲାକୁ ମଦମୁକ୍ତ କରାଯାଉ। ଦୁର୍ଗାପୁର ଠାରେ ନିର୍ମିତ ମଦଡିପୋକୁ ବନ୍ଦକରି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଉ। ଅଶ୍ଳୀଳତା, ନଗ୍ନତା ଓ ଅପସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ବନ୍ଦ କରାଯାଉ।



# ରାସ୍ତାରୋକୋ, ଯାତାୟାତ ଘଣ୍ଟାଏ ଠପ୍

**୫୫ନଂ. ଜାତୀୟ ରାଜପଥ ବିପଦସଙ୍କୁଳର ପ୍ରତିବାଦ**


ଆନନ୍ଦନଗର ବାସୀ ରାସ୍ତାରୋକୋ କରିଥିବା ବେଳେ ପୋଲିସ ଓ ପ୍ରଶାସନିକ ଅଧିକାରୀ ବୁଝାଶୁଝା କରୁଛନ୍ତି।

ଢେଙ୍କାନାଳ,୨।୯(ରତନ ନାୟାର)

ଢେଙ୍କାନାଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଢେଙ୍କାନାଳ ସହର ୧ନଂ. ୱାର୍ଡ ଆନନ୍ଦନଗର ଅଞ୍ଚଳରେ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡ଼ିଛି। ବାରମ୍ବାର ଏଠାରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉ ନାହିଁ। ଏହାର ପ୍ରତିବାଦରେ ସୋମବାର ଅଞ୍ଚଳବାସୀ ପୂର୍ବାହ୍ନ ୧୦ଟାରେ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା।

ୱାର୍ଡବାସୀ କହିଛନ୍ତି, ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘବର୍ଷ ହେଲା ଚାଲିଥିଲେ ହେଁ ଶେଷ ହେଉନାହିଁ। ଏବେ ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହା ବାରମ୍ବାର ଦୁର୍ଘଟଣାର କାରଣ ସାଜୁଛି। ଏ ନେଇ ଅନେକ ଥର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ରାସ୍ତା ମରାମତି ପାଇଁ କେବଳ ପ୍ରତିଶ୍ରୁତି ଦିଆଯିବା ବ୍ୟତୀତ ଅନ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ ଯୋଗୁ ରାତିରେ ୨ ଚକିଆ ଯାନ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାରୋକୋ ସମ୍ପର୍କରେ ଖବରପାଇ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ଜାତୀୟ ରାଜପଥ ପ୍ରାଧିକରଣର ପ୍ରୋଜେକ୍ଟ ମ୍ୟାନେଜର ଡି.ପି. ସିଂହ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ଜାତୀୟ ରାଜପଥ ପ୍ରାଧିକରଣ ପ୍ରୋଜେକ୍ଟ ମ୍ୟାନେଜର କହିଛନ୍ତି, ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହେବ। ଖାଲଖମା ସ୍ଥାନ ଖୁବ୍‌ଶୀଘ୍ର ମରାମତି କରାଯିବ।

# ରାମିଆଲ, ବ୍ରାହ୍ମଣୀ ନଦୀପଠାରେ ହେବ ଆଳୁ ଚାଷ

କାମାକ୍ଷାନଗର, ୨।୯(ସୁଧୀର ପରିଡ଼ା)

**ଅଣ୍ଟା ଭିଡ଼ିଲା କାମାକ୍ଷାନଗର ଆଞ୍ଚଳିକ କୃଷକ ସଙ୍ଗଠନ**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଭୁବନ ବ୍ଲକର ୭ଟି ପଞ୍ଚାୟତକୁ ନେଇ ଗଠନ ହୋଇଥିବା ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ କରାଯିବ ଆଳୁ ଚାଷ। ଢେଙ୍କାନାଳ ଜିଲାରେ ଯେପରି ଆଉ ଆଳୁର ଅଭାବ ନ ହେବ ସେଥିପାଇଁ କୃଷକ ସଙ୍ଗଠନ ପକ୍ଷରୁ ଅଣ୍ଟା ଭିଡ଼ାଯାଇଛି। ଏ ନେଇ ବେଢ଼ାପାଳ ପଞ୍ଚାୟତ ବିଡିବିଲି ଗ୍ରାମ ନୀଳକଣ୍ଠେଶ୍ୱର ମନ୍ଦିର ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ସଙ୍ଗଠନର ଆବାହକ ତଥା ଅଗ୍ରଣୀ ଚାଷୀ ସୁଶାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ବୈଠକରେ ଛାୟାକାନ୍ତ ନାୟକ, ପ୍ରଭାତ କୁମାର ବେହେରା, ଘନଶ୍ୟାମ ମାଝି, ତୋଫାନ ଖୁଣ୍ଟିଆ, ବଟକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କିଭଳି ଭାବେ ଆଳୁ ଚାଷ ହେବ ଓ ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅର୍ଥ, ବନ୍ୟଜନ୍ତୁ ଉପଦ୍ରବରୁ ସୁରକ୍ଷା ପାଇଁ ସୋଲାର ପ୍ରୋଜେକ୍ଟ ନିମନ୍ତେ ଜିଲାପାଳଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି କରାଯାଇଥିଲା। ରବିଋତୁରେ ଚାଷ ପାଇଁ ପାଣିର ଆବଶ୍ୟକତା ରହିଥିବାରୁ ବୋରିଙ୍ଗ କୂପ ଖନନ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯିବାକୁ ସ୍ଥିର କରାଯାଇଥିଲା। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ସଂରକ୍ଷଣ କରିବା ପାଇଁ ଶୀତଳଭଣ୍ଡାର ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ବହୁମୁଖୀ ପ୍ରକଳ୍ପର ପରିଚାଳନା ପାଇଁ ଆବଶ୍ୟକ ଉପକରଣ ଯୋଗାଇଦେବାକୁ ଜିଲା କୃଷି ଅଧିକାରୀଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ବାରୁଆଁ, ବିଡିବିଲି, ଭଯିରିପୁର, ବାଙ୍କୁଆଳ, ଦୀଘି, ଜମନାକୋଟ, ମାର୍ଥାପୁର ଓ ଭୂଷଳ ଆଦି ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ।


ବେଢ଼ାପାଳ ପଞ୍ଚାୟତ ବିଡିବିଲି ଗ୍ରାମ ନୀଳକଣ୍ଠେଶ୍ୱର ମନ୍ଦିର ସଭାଗୃହରେ ବୈଠକରେ ଉପସ୍ଥିତ ଚାଷୀମାନେ।

# ଶିକ୍ଷକ ବଦଳିକୁ ବିରୋଧ, ଧାରଣା

କଣିହାଁ,୨।୯(ସଚ୍ଚିଦାନନ୍ଦ ପ୍ରଧାନ)

ଶିକ୍ଷକ ବଦଳିକୁ ବିରୋଧ କରି କଣିହାଁ ବ୍ଲକ କାକୁଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୋମବାର ଧାରଣା ଦେଇଥିଲେ। ଏପରିକି ବିଦ୍ୟାଳୟକୁ ନୂଆ ଶିକ୍ଷୟିତ୍ରୀ ଯୁମିତା ପ୍ରଧାନ ଯୋଗ ଦେବା ପାଇଁ ଆସିଥିବା ବେଳେ ତାଙ୍କୁ ବିରୋଧ କରି ବିଦ୍ୟାଳୟକୁ ପୂରାଇ ଦେଇ ନ ଥିଲେ। ଅଭିଭାବକମାନେ କହିଛନ୍ତି, କାକୁଡିଆ ଉ.ପ୍ରା. ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ବିଭୂତି ଭୂଷଣ ସାହୁ ଓ ଦେବଗଡ଼ ଜିଲା ବୁଢ଼ାପାଳ ଝରାବେରେଣୀ ଉ.ପ୍ରା. ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଜୁମିତା ପ୍ରଧାନ ଶିକ୍ଷା ନିର୍ଦ୍ଦେଶଙ୍କ ଦ୍ୱାରା ସହମତି ବଦଳି ହୋଇଥିଲେ। ମାତ୍ର ଶିକ୍ଷକ ବିଭୂତି ଭୂଷଣ ଜଣେ ଭଲ ଶିକ୍ଷକ ହୋଇଥିବା ଅଭିଭାବକମାନେ ତାଙ୍କ ବଦଳି ବାତିଲ ପାଇଁ ଦାବି କରି ଧାରଣା ଦେଇଥିଲେ।



# ଅମ୍ବିକା ସଭାପତି, ବିନୋଦ ସମ୍ପାଦକ


ଗଜଲକ୍ଷ୍ମୀ ପୂଜା ପାଇଁ ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୨।୯(ରତନ ନାୟାର)

**ଜୁବୁଲି ଟାଉନ-୧ ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଚୟନ**

ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ନାଗେଶ୍ୱର ମନ୍ଦିରଠାରେ ପ୍ରଥମ ସାଧାରଣ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ନାଗରିକ, ଯୁବକ ଓ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ପୂଜାକୁ ସରସ ସୁନ୍ଦର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ କମିଟିରେ ନୂତନ ଯୁବ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇଥିଲା। ସଭାପତି ଭାବେ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଉପସଭାପତି ଭାବେ ଦିଲୀପ କୁମାର ମିଶ୍ର ଓ ଅଜିତ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ବିନୋଦ କୁମାର ମହାନ୍ତି, ସହସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ବରାଳ ଓ ନୀଳମାଧବ ମହାପାତ୍ର ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିରଞ୍ଚି ନାରାୟଣ ପ୍ରଧାନ, ପ୍ରଣବ କୁମାର କର, ବିକ୍ରମ କୁମାର ତୁଙ୍ଗ, ରାଜେଶ ଖାଁ, ଲିପନ ମହାପାତ୍ର, ଲିକୁନା ଷଡ଼ଙ୍ଗୀ, ମନୋଜ ମହାପାତ୍ର, ଆଶିଷ ମହାପାତ୍ର ଏବଂ ପରାମର୍ଶଦାତା ଭାବେ ନିରାକାର ସାମନ୍ତରାୟ, ପ୍ରମୋଦ କୁମାର ବେହେରା, ସୁରେଶ ପାଣିଗ୍ରାହୀ, ଜ୍ୟୋତି ପ୍ରସାଦ ବେଉରା, ପ୍ରକାଶ ନାୟକ, ଶରତ ଚନ୍ଦ୍ର ଜେନା ଓ ଅଶୋକ ହୋତାଙ୍କୁ ଚୟନ କରାଯାଇଥିବା ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି।

# ୪୭ ଅଭିଯୋଗର ସମାଧାନ

**ଢେଙ୍କାନାଳ,୨।୯(ରତନ ନାୟାର):** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ସାଢେ ୧୦ଟାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ମୋଟ ୧୬୪ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୪୭ଟିର ସମାଧାନ କରାଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୨ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ଓ ରେଡ୍‌କ୍ରସ ସହାୟତା ପାଣ୍ଠିରୁ ମୋଟ ୭୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏସ୍‌ପି ମଡକର ସନ୍ଦିତ ସମ୍ପଦ୍, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

# 'ପୁସ୍ତକ ହେଉଛି ନୀରବ ଗୁରୁ'


ଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ,୨।୯(ରତନ ନାୟାର)

କବି ସମ୍ପୂର୍ଣ୍ଣା ମିଶ୍ରଙ୍କ କବିତା ସଂକଳନ 'ବର୍ଣ୍ଣାଳୀ' ଓ କବି ମଦନ ମୋହନ ମିଶ୍ରଙ୍କ କବିତା ପୁସ୍ତକ 'ସତୀ ସୁହଗିନୀ' ସୋମବାର କବିଙ୍କ ଶାସନ ଛକସ୍ଥିତ ବାସଭବନରେ ଲୋକାର୍ପିତ ହୋଇଯାଇଛି। ଶିଳ୍ପୀ ପରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରଫେସର ଦିଲୀପ ନନ୍ଦ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଫେସର ନନ୍ଦ କହିଲେ, ଯେତେ ପୁସ୍ତକ ଲେଖାଯିବ, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସେତେ ହୋଇପାରିବ। ମୁଖ୍ୟ ଅତିଥି ଓ ସମୀକ୍ଷକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ବାହାଦୁର ପାଟସାହାଣୀ, ବରେଣ୍ୟ ଆଲୋଚକ ଗେଙ୍ଗୁଟିଆ ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. କବିତା ମହାନ୍ତି ଯୋଗଦେଇ କବିତା ପୁସ୍ତକ ୨ଟିକୁ ଲୋକାର୍ପଣ ଓ ସମୀକ୍ଷା କରିଥିଲେ। ପୁସ୍ତକ ହେଉଛି ନୀରବ ଗୁରୁ, ଯାହା ନୀରବରେ ମଣିଷକୁ ଅନେକ ଶିକ୍ଷା ଦିଏ। ପୁସ୍ତକ ୨ଟିର ପାଠକୀୟ ଆଦୃତି ଲାଭ କରୁ ବୋଲି ଅତିଥିମାନେ ଆଶା ପୋଷଣ କରିଥିଲେ। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ କବି ରାଧାନାଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ କବି ରବୀନ୍ଦ୍ର ନାଥ ସାହୁ ଯୋଗ ଦେଇଥିଲେ। କବି ସୁକାନ୍ତି ସାହୁ, କବି ନିବେଦିତା ରଥ ଓ ଅଧ୍ୟାପକ ମଙ୍ଗରାଜ ମହାପାତ୍ର କବିତାଗୁଡ଼ିକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ମଙ୍ଗରାଜ ମହାପାତ୍ର ସଞ୍ଚାଳନା କରିଥିବା ବେଳେ ସମ୍ପୂର୍ଣ୍ଣା ମିଶ୍ରଙ୍କ ପୁତ୍ର ଆଡଭୋକେଟ୍ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ସ୍ଥାପନା ଦିବସ



ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ସ୍ଥାପନା ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୨।୯(ରତନ ନାୟାର)

ଢେଙ୍କାନାଳ ଡାକମଣ୍ଡଳ ପକ୍ଷରୁ ସୋମବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ୭ମ ସ୍ଥାପନା ଦିବସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଢେଙ୍କାନାଳ ଡାକମଣ୍ଡଳ ଅଧୀକ୍ଷକ ଜଗଦୀଶ ଦାସ, ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବାରେ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ତୃଣମୂଳସ୍ତରରେ ଆର୍ଥିକ ସେବା ବିସ୍ତାର କରିବାରେ ଏହି ଅନୁଦାନ କିପରି ପ୍ରମୁଖ ଭୂମିକା ଗ୍ରହଣ କରିଛି ଏବଂ ଅଣ ସଂରକ୍ଷିତ ତଥା ଆର୍ଥିକ ଅନଗ୍ରସର ସମ୍ପ୍ରଦାୟକୁ କିପରି ବ୍ୟାଙ୍କ ଉପକୃତ କରିଛି, ସେ ବିଷୟରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଢେଙ୍କାନାଳ ଶାଖାର ବରିଷ୍ଠ ପରିଚାଳକ ପ୍ରଶାନ୍ତ କୁମାର ପଣ୍ଡା, ଅନୁଗୋଳ ବ୍ରାଞ୍ଚର ବରିଷ୍ଠ ପରିଚାଳକ କେ. ଜ୍ଞାନେଶ୍ୱର ରାଓ, ସହାୟକ ଡାକ ଅଧୀକ୍ଷକ ନୀଳମଣି ଜାନି ଯୋଗଦେଇ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବିଭିନ୍ନ ସେବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ୧୮ରୁ ୬୦ ବର୍ଷର ମହିଳାମାନେ ଇଣ୍ଡିଆ ପୋଷ୍ଟ ପେମେଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାରେ ଲାଭ ନେଇପାରିବେ ବୋଲି ସହ ଡାକ ଅଧୀକ୍ଷକ ସୂଚନା ଦେଇଥିଲେ। ଏହି ଅବସରରେ ଡାକ ବିଭାଗର ସମସ୍ତ ଡାକ ନିରୀକ୍ଷକ, ସେଲ୍ସ ଓ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ।

# ପ୍ରତିଯୋଗିତାମୂଳକ ଯୁଗରେ ନିଜକୁ ସାମିଲ କର


ଷ୍ଟଡି ଲାଇଫ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୨।୯(ରତନ ନାୟାର)

**ଷ୍ଟଡି ଲାଇଫ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ**

ଢେଙ୍କାନାଳ କୁଞ୍ଜକାନ୍ତଠାରେ ଥିବା ଷ୍ଟଡି ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଏଜୁକେଶନର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୋପବନ୍ଧୁ ଟାଉନହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଆଶିଷ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଏସ୍‌ପି ସୁଷମା ପ୍ରଧାନ, ମୁଖ୍ୟବକ୍ତା ଭାବେ ଇନ୍ଦିପୁର କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ କୃଷିଦା ବେଗମ, ଇନ୍ଦିପୁର ସରପଞ୍ଚ ଲଳିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଅବିନାଶ ପଣ୍ଡା, ଶିକ୍ଷକ ସୌମ୍ୟକାନ୍ତ ପତି, ଆଶୁତୋଷ ତ୍ରିପାଠୀ, ରଞ୍ଜିତ କୁମାର ସାହୁ, ସୋନିସ୍ମିତା, ରୂପଶ୍ରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାୟ ଓ ଅତ୍ୟାଚାରର ପ୍ରତିବାଦ କରିବା ଶିଖନ୍ତୁ ବୋଲି ମୁଖ୍ୟ ଅତିଥି କହିଥିଲେ। ପ୍ରତିଯୋଗିତାମୂଳକ ଯୁଗରେ କେମିତି ନିଜକୁ ଆଗକୁ ବଢ଼ିବାକୁ ପଡିବ ସେ ସମ୍ପର୍କରେ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ଦ୍ୱାରା ଓ ଲେଭଲ କୋର୍ସ ଏବଂ ଓଡିଶା ସରକାରଙ୍କ ଦ୍ୱାରା ମୁକ୍ତ ବିଶ୍ୱବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରତିଭା ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ରାଜନନ୍ଦିନୀ ପଣ୍ଡା, ସନତ କୁମାର ଏବଂ ବିଜୟଲକ୍ଷ୍ମୀ ରଥ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୩୫୦ରୁ ଅଧିକ ଛାତ୍ରୀଛାତ୍ର ଏହି ଉତ୍ସବରେ ଉପସ୍ଥିତ ଥିଲେ।

# ୧୭ କାଉନସିଲରଙ୍କୁ ହାଇଦ୍ରାବାଦ ବୁଲାଉଛନ୍ତି ପୌରାଧକ୍ଷ

- ଅନାସ୍ଥା ଭୟ ଘାରିଥିବା ରାଜନୈତିକ ମହଲରେ ଚର୍ଚ୍ଚା
- ବିଜେଡିର ୪, ଭାଜପାର ୨ଜଣ ଗଲେ ନାହିଁ

ଅନୁଗୋଳ,୨।୯ (ଜ୍ୟୋତିରଞ୍ଜନ ସାହୁ)


ହାଇଦ୍ରାବାଦ ଗସ୍ତରେ ଥିବା ପୌରାଧକ୍ଷଙ୍କ ସହ କେତେଜଣ କାଉନସିଲର ଓ ଅନ୍ୟମାନେ।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ବ୍ଲକ ଓ ପୌରପାଳିକା ଅଧକ୍ଷଙ୍କ ବିରୋଧରେ ଅନାସ୍ଥା ଆସିବା ପ୍ରକ୍ରିୟା ଜାରି ରହିଛି। କେତେକ ସ୍ଥାନରେ ଏହି ପରିବର୍ତ୍ତନ ଉଦ୍ୟମ ସଫଳ ହୋଇଥିବା ବେଳେ ଆଉ କେଉଁଠାରେ ବିଫଳ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅନେକ ପୌର ଓ ବ୍ଲକ ଅଧକ୍ଷଙ୍କ ମନରେ ଛନକା ପଶିଯାଇଛି। ଏପରି ସ୍ଥିତିରେ ଅନୁଗୋଳ ପୌର ଅଧକ୍ଷ ତଥା ବିଜେଡି ନେତା ଅକ୍ଷୟ କୁମାର ସାମନ୍ତ ବିଜେଡି ଓ ଭାଜପାର ୧୭ କାଉନସିଲରଙ୍କୁ ରବିବାରଠାରୁ ହାଇଦ୍ରାବାଦ ବୁଲାଇନେବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ୨୩ ୱାର୍ଡ ବିଶିଷ୍ଟ ଅନୁଗୋଳ ପୌରସଂସ୍ଥାର ଅଧକ୍ଷ ପଦ ବିଜେଡି କବ୍‌ଜାରେ ଥିଲେ ମଧ୍ୟ ଭାଜପାର ସର୍ବାଧିକ ୧୩ କାଉନସିଲର ରହିଛନ୍ତି। ତେଣୁ ଆଗାମୀ ଦିନରେ କାଳେ ଅନାସ୍ଥା ପ୍ରସ୍ତାବ ଆସିପାରେ ସେହି ଭୟ ଘାରିଥିବାରୁ ବିରୋଧୀ କାଉନସିଲରଙ୍କ ମନ ଜିଣିବା ପାଇଁ ପୌରାଧକ୍ଷ ସାମନ୍ତ ଏପରି ଉଦ୍ୟମ କରିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ଅନୁଗୋଳ ପୌରସଂସ୍ଥାର ସମସ୍ତ କାଉନସିଲରଙ୍କୁ ହାଇଦ୍ରାବାଦ ବୁଲାଇନେବାକୁ ପୌରାଧକ୍ଷ ଟ୍ରେନ୍ ଟିକେଟ୍ କରିଥିଲେ। ହେଲେ ଉକ୍ତ ଗସ୍ତରୁ ୩, ୪, ୫, ୧୦, ୧୭ ଓ ୧୯ ନଂ. ୱାର୍ଡ କାଉନସିଲର କୌଣସି କାରଣରୁ ନିଜକୁ ଦୂରେଇ ରଖିଥିବା ବେଳେ ବାକି ୧୭ କାଉନସିଲର ଗସ୍ତରେ ସାମିଲ ହୋଇଛନ୍ତି। ପୂର୍ବରୁ କୌଣସି ଯୋଜନା ନ ଥାଇ ବା କାହାକୁ ସୂଚନା ନ ଦେଇ ପୌରାଧକ୍ଷ ହଠାତ୍ କେଉଁ କାରଣରୁ କାଉନସିଲରମାନଙ୍କୁ ଏପରି ବୁଲାଇବାକୁ ନେଲେ ସେ ନେଇ ତାଙ୍କ ସମର୍ଥକମାନେ ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହନ୍ତି। ଏପରି କି ନିଜ ଦଳର କେତେଜଣ କାଉନସିଲର ଯାଇ ନ ଥିବାବେଳେ ବିରୋଧୀ ଭାଜପା କାଉନସିଲରଙ୍କ ମଧ୍ୟରୁ ଅଧିକାଂଶଙ୍କୁ ପୌରାଧକ୍ଷ ଏହି ଗସ୍ତରେ ସାମିଲ କରିଥିବାରୁ ଏ ନେଇ ନାନା କଥା ଶୁଣାଯାଉଛି। ଏ ସମ୍ପର୍କରେ ପୌରାଧକ୍ଷ ସାମନ୍ତଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିବାରୁ ମତାମତ ମିଳିପାରି ନାହିଁ। ଗସ୍ତରେ ସାମିଲ ହୋଇ ନ ଥିବା ଜଣେ ବିଜେଡି କାଉନସିଲର କହିଛନ୍ତି, ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚାରୁ ଏପରି କିଛି ଗନ୍ଧ ବାରିଛି। ଭାଜପା କାଉନସିଲରମାନେ ଯାଉଥିବାରୁ ସେଥିପାଇଁ ହାଇଦ୍ରାବାଦ ଗସ୍ତରୁ ଦୂରେଇ ରହିଛି। ହାଇଦ୍ରାବାଦ ଯାଇଥିବା ଜଣେ ଭାଜପା କାଉନସିଲର କହିଛନ୍ତି, ପୌରାଧକ୍ଷ ବୁଲିଯିବାକୁ ପ୍ରସ୍ତାବ ଦେଇଥିବାରୁ ଏଥିରେ ସାମିଲ ହୋଇଛି। ଆଗାମୀ ଦିନରେ ଯଦି ଅନାସ୍ଥା ଆସେ ଓ ସେ ସମ୍ପର୍କରେ ଦଳ ଯାହା ନିଷ୍ପତ୍ତି ନେବ, ତାହାକୁ ପାଳନ କରିବି। ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ କହିଛନ୍ତି, ଅନୁଗୋଳରେ ବର୍ତ୍ତମାନ ଅନାସ୍ଥା ସ୍ଥିତି ସୃଷ୍ଟି ହୋଇନାହିଁ। କାଉନସିଲରମାନେ ମଧ୍ୟ ଅସନ୍ତୁଷ୍ଟ ଥିବା ଭଳି ଜଣାପଡୁନାହିଁ। ସେମାନେ ଅଧକ୍ଷଙ୍କ ସହ ବୁଲିବାକୁ ଯାଇଥିବା ଶୁଣିବାକୁ ପାଇଛି।

